# Prime Minister Narendra Modi holds telephone conversation with H.E. Mr. Pedro Sánchez, Prime Minister of Spain

February 15, 2023

## ସ୍ପେନ ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ପେଡ୍ରୋ ସାଞ୍ଚେଜଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଟେଲିଫୋନ ବାର୍ତ୍ତାଳାପ

ଫେବୃଆରୀ 15, 2023

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ଆଜି ସ୍ପେନ ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ପେଡ୍ରୋ ସାଞ୍ଚେଜଙ୍କ ସହ ଟେଲିଫୋନ ଯୋଗେ ବାର୍ତ୍ତାଳାପ କରିଛନ୍ତି ।

ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବହୁ ଦ୍ୱିପାକ୍ଷିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିବା ସହ ପ୍ରତିରକ୍ଷା, ଅର୍ଥନୀତି ଓ ବାଣିଜ୍ୟ କ୍ଷେତ୍ରରେ ବଢୁଥିବା ସହଯୋଗର ସମୀକ୍ଷା କରିଛନ୍ତି । ସେମାନେ ଜାରି ରହିଥିବା ଦ୍ୱିପାକ୍ଷିକ ଉପକ୍ରମଗୁଡିକର ସମୀକ୍ଷା କରିବା ସହ ନିକଟରେ ହୋଇଥିବା ଉଚ୍ଚସ୍ତରୀୟ ଆଦାନପ୍ରଦାନ ଏବଂ ପ୍ରତିରକ୍ଷା, ଅର୍ଥନୀତି ଓ ବାଣିଜ୍ୟ କ୍ଷେତ୍ରରେ ବଢୁଥିବା ସହଯୋଗରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଡିଜିଟାଲ ଭିତ୍ତିଭୂମି, ପରିବେଶ ପରିବର୍ତ୍ତନ, ସ୍ୱଚ୍ଛ ଶକ୍ତି ସ୍ଥାନାନ୍ତରଣ ଓ ନିରନ୍ତର ବିକାଶରେ ସହଭାଗିତା ପାଇଁ ଉଭୟେ ଏକମତ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ ବସୁଧୈବ କୁଟୁମ୍ବକମ (ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ) ବିଷୟବସ୍ତୁ ଉପରେ ଆଧାରିତ ଏକତାକୁ ପ୍ରୋତ୍ସାହନ ଦିଗରେ ଜି ୨୦ ଅଧ୍ୟକ୍ଷତା ବେଳେ ଭାରତର ପ୍ରାଥମିକତା ସମ୍ପର୍କରେ ନିଜ ସ୍ପେନ ପ୍ରତିପକ୍ଷଙ୍କୁ ଅବଗତ କରାଇଛନ୍ତି । ପ୍ରଧାନମନ୍ତ୍ରୀ ସାଞ୍ଚେଜ ଭାରତର ଜି ୨୦ ଅଧ୍ୟକ୍ଷତା ବେଳେ ଭାରତର ଉପକ୍ରମଗୁଡିକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

ଉଭୟ ନେତା ପରସ୍ପର ଯୋଗାଯୋଗରେ ରହିବାକୁ ଏକମତ ହୋଇଛନ୍ତି ।

ନୂଆଦିଲ୍ଲୀ

ଫେବୃଆରୀ 15, 2023

DISCLAIMER: This is an approximate translation. The original is available in English on MEA's website and may be referred to as the official press release.